# ତହସିଲ କାର୍ଯ୍ୟାଳୟ ରାଜଗାଙ୍ଗପୁର

# ଲଘୁ ଖଣିଜ ଲିଜ ନିଲାମ ଇସ୍ତିହାର

ବିଜ୍ଞପ୍ତି ସଂଖ୍ୟା. ୬୦୧୪ ତାରିଖ. ୨୮.୧୨.୨୦୨୨

ଏତଦ୍ବାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଅଧିନସ୍ଥ ରାଜଗାଙ୍ଗପୁର ତହସିଲ ଅନ୍ତର୍ଗତ ନିମ୍ନ ସାରଣୀରେ ଉଲ୍ଲେଖିତ ଲଘୁ ଖଣିଜ ଖାଦାନ ଗୁଡିକର ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ତହସିଲଦାର ରାଜଗାଙ୍ଗପୁରଙ୍କ ଦ୍ଵାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ -2016 ର ଫାରମ- 'ଡ' ( Form-M) ପୁରଣ କରି ଏହାର ତିନି କପି ସହ ନିମ୍ନ ଲିଖିତ ଦଲିଲ ଓ କାଗଜାତ ସଂଲଗ୍ନ କରି ଜଉ ମୁଦଦିଆ ଲଫାପା ରେ ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସ ରେ ଆସନ୍ତା ତା: 25 -01-2023 ରିଖ ଅପରାହ୍ନ 3. 00 ଘଟିକା ସୁଦ୍ଧା ପକାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । ଉକ୍ତ ଦିନ ଅପରାହ୍ନ 3.15 ଘଟିକା ସମୟ ଉକ୍ତ ଟେଣ୍ଡର ବାକ୍ସ ତହସିଲ କାର୍ଯ୍ୟାଳୟରେ ଖୋଲାଯାଇ, ଲିଜ ଦରଖାସ୍ତକାରି ଓ ତାଙ୍କ ପ୍ରତିନିଧି ଙ୍କ ଉପସ୍ଥିତି ରେ, ଦରଖାସ୍ତ ଗୁଡିକ ତନଖି କରାଯାଇ ଚୁଡାନ୍ତ କରାଯିବ ଏବଂ ଅସଂପୂର୍ଣ୍ଣ ଦରଖାସ୍ତ ଗୁଡିକ ବାତିଲ କରାଯିବ । ଯେଉଁ ସୈରତ ଉତ୍ସ ଗୁଡିକପାଇଁ ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳି ନଥିବ କିମ୍ବା କୌଣସି କାରଣ ଲିଜ ଚୁଡାନ୍ତ ହୋଇ ନପାରିଲେ ସେହି ଉତ୍ସ ଗୁଡିକ ନିମିତ୍ତ ଦ୍ବିତୀୟ ଓ ତୃତୀୟ ଥର ପାଇଁ ଯଥାକ୍ରମେ ତା: 03 -02 -2023 ଓ ତା: 10 -02 -2023 ପୂର୍ବାହ୍ନ ଅପରାହ୍ନ 3. 00 ଘଟିକା ସୁଦ୍ଧା ତହସିଲ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସ ରେ ଦରଖାସ୍ତ ପକାଇବା ପାଇଁ ଧାର୍ଯ୍ୟ କରାଯାଇଅଛି ଏବଂ ପୂର୍ବପରି ସେହି ଦିନ ଅପରାହ୍ନ ୩.୧୫ ଘଟିକା ସମୟରେ ଟେଣ୍ଡର ବାକ୍ସ ଖୋଲାଯାଇ ଲିଜ ଚୁଡାନ୍ତ କରାଯିବ ।

(1) ଦରଖାସ୍ତ ଫିସ ସକାଶେ ଟ. ୧୦୦୦/- (ଏକ ହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ ( Head of Account 0853-Non-Ferrous Mining and metallurgical Industries-102 Mineral Concession Fees, Rent and Royalties) । ଏହି ଦରଖାସ୍ତ ଶୁଳ୍କ ଫେରସ୍ତ କରାଯିବ ନାହିଁ ।

(2) ଆବେଦନକାରୀଙ୍କ ଦ୍ଵାରା କୌଣସି ମାଇନିଙ୍ଗ ଦେୟ ବକେୟା ନଥିବା ନେଇ ଏକ ସତ୍ୟପାଠ ଦେବେ ।

(3) ଦରଖାସ୍ତକାରୀ ଧାର୍ଯ୍ୟ ହୋଇଥିବା ବଇନା ରାଶି ( Earnest Money) ମୂଲ୍ୟର Bank Draft ତହସିଲଦାର, ରାଜଗାଙ୍ଗପୁର ନାମରେ (Payable at SBI, Rajgangpur) ପ୍ରସ୍ତୁତ କରି Form-M ସହିତ ଦାଖଲ କରିବେ । ଯୋଗ୍ୟ ବିବେଚିତ ହୋଇନଥିବା ଦରଖାସ୍ତକାରୀ ତାଙ୍କ Earnest Money ଲିଜ୍ ଚୂଡାନ୍ତ ହୋବାପରେ ଆବେଦନ କରି ଫେରସ୍ତ ନେଇପାରିବେ ।

(4) ରାଜସ୍ୱ ଓ ବିପର୍ଯ୍ୟୟ ପରିଚଳନା ବିଭାଗ ବିଜ୍ଞପ୍ତି ନଂ0PTI-RDM-MMS-MEET-0002-2019-12160/R&DM ତା-19 April 2022 ଅନୁଯାଇ ଆବେଦନକରୀ ବିଗତ ବର୍ଷ ର ଆୟକର ରିଟର୍ଣ କିମ୍ବା ଦରଖାସ୍ତକାରୀ ଅନ୍ୟୁନ 18 ମାସ ପର୍ଯ୍ୟନ୍ତ କାଏମ ଥିବା ବ୍ୟାଙ୍କ ଗ୍ୟାରେଣ୍ଟି ଦାଖଲ କରିବେ, ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟ ( Minimum Guaranteed Quantity X (Royalty + Additional Charge Offered) ଠାରୁ ଅଧିକ ହୋଇଥିବା ଆବଶ୍ୟକ ।

(5) ଆବେଦନକାରୀ ବୈଧ GST Registration Certificate ଅବିକଳ ନକଲ ଦାଖଲ କରିବେ । ଆବେଦନକାରୀ GST ବାବଦାୟ କୌଣସି ବକେୟା ଅର୍ଥ ନଥିବାର Certificate GST Jurisdictional Officer ଙ୍କ ଠାରୁ ପ୍ରାପ୍ତକରି ଦାଖଲ କରିବେ । ଆବେଦନକାରୀ ଯଦି ବୈଧ GST Registration Certificate ଦାଖଲ କରିନଥିବେ, ତେବେ ଦରଖାସ୍ତ ନାକଚ କରାଯିବ ।

(6) ଅନ୍ୟ ବିବରଣୀ ଯଥା ଜ୍ଞାନ ଦକ୍ଷତା ଆର୍ଥିକ ସ୍ଥିତି ଯନ୍ତ୍ରପାତି ଇତ୍ୟାଦି ର ବିବରଣୀ ଦାଖଲ କରିବେ ।

ଯଦି ଉକ୍ତ ଇସ୍ତିହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ରହିଛି । ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସୁନ୍ଦରଗଡ ଜିଲ୍ଲା ୱେବସାଇଟ (www.sundargarh.nic.in) ରେ ଉପଲବ୍ଧ ଅଟେ । ଏହା ବ୍ୟତୀତ ଏ ସମ୍ବନ୍ଧୀୟ ସମସ୍ତ ବିବରଣୀ ଓ ଅନ୍ୟାନ୍ୟ ନିୟମାବଳୀ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ଓ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଯେ କୌଣସି କାର୍ଯ୍ୟ ଦିବସରେ ମିଳିପାରିବ ।

# ଲଘୁ ଖଣିଜାତ ସୈରାତ ଉତ୍ସର ବିବରଣୀ

| କ୍ରମ ସଂଖ୍ୟା | ସୈରାତ ଉତ୍ସର ନାମ | ସୈରାତ ଉତ୍ସର ବିବରଣୀ | | | | | ଖଣିଜ ପଦାର୍ଥ ନାମର | ସର୍ବନିମ୍ନ ରୟାଲଟି ମୂଲ୍ୟ ( ଘ.ମି.ରେ) (ଟଙ୍କା ରେ) | ସର୍ବନିମ୍ନ ଅତିରିକ୍ତ ମୂଲ୍ୟ ( ଘ.ମି.ରେ) (ଟଙ୍କା ରେ) | ପ୍ରତିବର୍ଷ ଉଠାଣ ହେବାକୁ ଥିବା ସର୍ବନିମ୍ନ ପରିମାଣ | ବଇନା ରାଶି ( Earnest Money) (ଟଙ୍କାରେ ) |
|---|---|---|---|---|---|---|---|---|---|---|---|
| | | ମୌଜାର ନାମ | ଖାତା ନଂ | ପ୍ଲଟ ନଂ | କିସମ | ଏରିଆ | | | | | |
| 1 | ରାଜଗାଙ୍ଗପୁର-I (ପଥର ଖଣି) | ରାଜଗାଙ୍ଗପୁର | 379 | 985/p | ଡୁଙ୍ଗୁରୀ | Ac.10.00 | ପଥର | 130.00 | 150.00 | 8000 ( ଘ.ମି.ରେ) | 112000/- |
| 2 | ଜଉରାମାଳ (ପଥର ଖଣି) | ଜଉରାମାଳ | 165 | 1133/1571/p | ଡୁଙ୍ଗୁରୀ | Ac.5.00 | ପଥର | 130.00 | 150.00 | 6080 ( ଘ.ମି.ରେ) | 85120/- |
| 3 | ଜଉରାମାଳ-II (ପଥର ଖଣି) | ଜଉରାମାଳ | 165 | 1253/p | ଡୁଙ୍ଗୁରୀ | Ac.6.96 | ପଥର | 130.00 | 250.00 | 6002.1 ( ଘ.ମି.ରେ) | 114040/- |

## ସର୍ତ୍ତାବଳୀ

(1) ଆବେଦନକାରୀ ମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ 2016,2018 &2022(OMMC RULE- 2016,2018 &2022), ର ପରିସର ଭୁକ୍ତ ରହିବେ ।

(2) ଆବେଦନକାରୀ ଲିଜ ପାଇଁ ଉଦ୍ଦିଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ଲଘୁ ଖଣିଜ ଖାଦାନ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ ନିମିତ୍ତ ଉଦ୍ଦିଷ୍ଟ ନିଲାମ ରେ ଅଂଶ ଗ୍ରହଣ କରିବେ ।

(3) ଲିଜ ପରେ ସୈରାତ ଚଲାଇବା ସଂମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

(4) ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କର୍ତ୍ତୃପକ୍ଷ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ ଦାୟୀ ରହିବେ ନାହିଁ ।

(5) ବାଲି ଓ ପଥର ପାଇଁ ସର୍ବନିମ୍ନ ରୟାଲଟି ମୁଲ୍ୟ ଘନ ମିଟର ପ୍ରତି(Per Cubic Meter) ଯଥାକ୍ରମେ ଟ. 35 /- ଓ ଟ.130/- ଅଟେ ।

(6) ସରକାରୀ ଭାବେ ଘନମିଟର ପ୍ରତି ଧାର୍ଯ୍ୟ ସର୍ବନିମ୍ନ ଅତିରିକ୍ତ ଦେୟ (Minimum Additional Charge) ଦରଠାରୁ କମ ଦାମରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ ନକରିଥିବା ଦରଖାସ୍ତକାରୀଙ୍କ ଦରଖାସ୍ତ ଖାରଜ କରିଦିଆଯିବ ।

(7) ପ୍ରଚଳିତ ନିୟମାବଳୀ ଅନୁଯାଇ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟଦରଜ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାଲ ନିମନ୍ତେ ଚୟନ କରାଯିବ । ଯଦି ଏକ ରୁ ଅଧିକ ନିଲାମଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବେ, ତେବେ ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।

(8) ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ଏବଂ ସର୍ବାଧିକ ପ୍ରତି ଘନ ମିଟର ପାଇଁ ଅତିରିକ୍ତ ଦେୟ ଦାଖଲ ପାଇଁ ଆବେଦନ କରିଥିବା ଆବେଦନ କାରୀଙ୍କ ଲିଜ ଦିଆଯିବା ନିମନ୍ତେ ନିଲାମ ର ସାତ ଦିନ ମଧ୍ୟରେ ଜଣାଇ ଦିଆଯିବ । ଲିଜଧାରୀଙ୍କୁ ଜଣାଇବାର ପନ୍ଦର ଦିନ ମଧ୍ୟରେ ସେ ନିଜର ସ୍ୱିକୃତି ପ୍ରଦାନ କରିବା ସହ ନିଜେ ଦାଖଲ କରିଥିବା ନିଲାମ ଡାକ ଅନୁଯାୟୀ ରୟାଲଟି, ଅତିରିକ୍ତଦେୟ, ଜିଲ୍ଲା ଖଣିଜ ଫାଉଣ୍ଡେସନ ( District Mineral Foundation) ଓ ପରିବେଶ ପରିଚାଳନା ଅର୍ଥ ( Environment Management Found) ନିମନ୍ତେ ଧାର୍ଯ୍ୟ ଅଂଶଦାନ ଡେଡ ରେଣ୍ଟ, ସରଫେସ ରେଣ୍ଟ ପାଇଁ ଦବାକୁ ଥିବା ଆର୍ଥିକ ଦେୟ ହିସାବ କରାଯିବ ଓ ଏହି ସମସ୍ତ ଦେୟ ର ୨୫% ପୂର୍ବରୁ ଦାଖଲ କରିଥିବା ବଇନା ରାଶି ( Earnest Money) କୁ ବାଦ ଦେଇ ଅବଶିଷ୍ଟ ଅର୍ଥ ଜମା କରିବେ । ଏହି ଜମା କରୁଥିବା ଅର୍ଥ ସହ ପୂର୍ବରୁ ଦାଖଲ ହୋଇଥିବା ବଇନା ରାଶି ( Earnest Money) କୁ ଏକତ୍ର କରି ଅମାନତ ରାଶି (Security Deposit ) ଭାବରେ ରଖାଯିବ । ଦରଖାସ୍ତକାରୀ ନିଲାମ ଧାରୀ ରୟାଲଟି ସହ ଅଫର କରିଥିବା ଘନ ମିଟର ପ୍ରତି ଅତିରିକ୍ତ ଦେୟ ଓ ଅନ୍ୟାନ୍ୟ ସରକାରୀ ଦେୟ ଯେପରି କି ଡେଡ ରେଣ୍ଟ, ସରଫେସ ରେଣ୍ଟ, ଜିଲ୍ଲା ଖଣିଜ

ଫାଉଣ୍ଡେସନ ଓ ପରିବେଶ ପରିଚାଳନା ରାଶି କୁ ଅଂଶଦାନ, ଆୟକର ( TCS) ଇତ୍ୟାଦି ଲଘୁ ଖଣିଜାତ ଦ୍ରବ୍ୟ ରିହାତି ନିୟମ 2016 ଅନୁଯାୟୀ ଯଥା ସମୟରେ ପଇଠ କରିବେ ।

(9) ଯଦି ସର୍ବୋଚ୍ଚ Additional Charge ବା ଅତିରିକ୍ତଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ଦେୟ ପୈଠ ନ କରନ୍ତି ବା ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ଏବଂ ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶି ଠାରୁ ଅତି କମ୍ ହୋଇଥାଏ ତେବେ ଲିଜ୍ ପ୍ରକ୍ରିୟାକୁ ରଦ୍ଦ କରାଯାଇ Controlling Authority ଙ୍କ ଅନୁମତି କ୍ରମେ ନୂତନରୂପେ ନିଲାମ କରାଯିବ ।

(10) Mining Plan ଏବଂ Environmental clearance ବାବଦକୁ ଖର୍ଚ୍ଚ ସର୍ବୋଚ୍ଚ ନିଲାମଧାରୀ ନିଜେ ବହନ କରିବେ । ରାଜ୍ୟ ପରିବେଶ ସଘାତ ନିର୍ଧାରଣ ପ୍ରାଧିକୃତ ସଂସ୍ଥା ( SEIAA) ଙ୍କ ଠାରୁ ନିୟମ ଅନୁଯାୟୀ ନିଜ ଖର୍ଚ୍ଚ ରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପରିବେଶ ମଞ୍ଜୁର ଆଣି ଦାଖଲ କରିବେ ନଚେତ ଅମାନତ ରାଶି ବ୍ୟାଜାପ୍ତ କରାଯିବ ।

(11) ସର୍ବୋଚ୍ଚ ନିଲାମଧାରୀ ଖଣି ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରି ( Consent to Establish & Consent to operate) ଓଡିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ( Odisha State Pollution Control Board ) ଙ୍କ ଠାରୁ ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ଏବଂ ଉକ୍ତ କାର୍ଯ୍ୟାଳୟରେ ଦାଖଲ କରିବେ ।

(12) ମାଇନିଙ୍ଗ ପ୍ଲାନରେ ଦର୍ଶାଇଥିବା ଗଚ୍ଛିତ ଖଣିଜ ଦ୍ରବ୍ୟ ର ପରିମାଣ ଓ ଖାଦାନ ର ଧାର୍ଯ୍ୟ ରକବା ଅନୁଯାୟୀ ଧାର୍ଯ୍ୟ ରୟାଲିଟି, ଅତିରିକ୍ତ ଦେୟ ( Additional Charge) ଡେଡ ରେଣ୍ଟ, ସରଫେସ ରେଣ୍ଟ, ଜିଲ୍ଲା ଖଣିଜ ଫାଉଣ୍ଡେସନ ( District Mineral Foundation) ଓ ପରିବେଶ ପରିଚାଳନା ରାଶିକୁ ଧାର୍ଯ୍ୟ ଅଂଶଦାନ ନିୟମ ଅନୁଯାୟୀ ଚୁକ୍ତି ପତ୍ର ( Lease Deed) ପ୍ରସ୍ତୁତି ପୂର୍ବରୁ ଜମା କରିବେ ଓ ପରବର୍ତ୍ତି ବର୍ଷ ଜାନୁୟାରୀ ମାସ ପନ୍ଦର ତାରିଖ ପୂର୍ବରୁ ଜମା କରିବା ହେବେ ।

(13) ସର୍ବୋଚ୍ଚ ନିଲାମଧାରୀ ଯାହା ସପକ୍ଷରେ ନିଲାମ ହୋଇଅଛି ସେ ସମସ୍ତ ଦେୟ ଜମା କରିବା ପରେ ଓ ସେ ସମସ୍ତ ନିକାସ ( Clearance ) ଆଣିବା ପରେ ଫାରମ ଢ ( Form N) ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚ ରେ ଏହାକୁ ରେଜିଷ୍ଟ୍ରେସନ କରିବେ ।

(14) ଲିଜଧାରୀ ଦାଖଲ କରୁଥିବା ସମସ୍ତ ଦେୟ ଯଥା ରୟାଲିଟି ଓ ଅନ୍ୟାନ୍ୟ ଦେୟ ର 2% ଆୟକର ( TCS) ବାବଦକୁ ଜମା କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ୍ୟ ବହନ କରିବେ ।

(15) ନିଲାମଧାରୀ OMMC RULE-2016 ର ନିୟମ-33(1-29) & OMMC AMENDMENT RULE-2018 & RULE-2022 ରସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ ।

(16) ଲିଜଧାରି Mines Act-1952 ଏବଂ Explosive Act-1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅର୍ନ୍ତଭୁକ୍ତ ରହିବେ ।

(17) ଲିଜ ଧାରୀ ସୈରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗ ରେ ଏକ ସୂଚନା ଫଳକ (Display Board) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏ ସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜଧାରୀ ନିଜେ ବହନ କରିବେ ।

(18) ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜ ଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଉଠାଇ ପାରିବେ ନାହିଁ ।

(19) ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ, ମାଇନିଙ୍ଗ ପ୍ଲାନ ଓ ଅନ୍ୟାନ୍ୟ କାଗଜପତ୍ର ଅତ୍ର କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ଏବଂ ଏହି ଇସ୍ତିହାର ର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ୱେବସାଇଟ (http//:www.sundergarh.nic.in) ରେ ମଧ୍ୟ ଦେଖିପାରିବେ ।

(20) ନିଲାମ ଦରଖାସ୍ତକାରୀ ମାନେ ତଥା ଲିଜ ଗ୍ରହିତା ଓଡିଶା ଲଘୁ ଖଣିଜ ନିୟମ 2016,2018 &2022 ଓ ତତ୍ ସଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ ହେବେ ।

(21) ଯଦି ଉକ୍ତ ଇସ୍ତିହାର ରେ କୌଣସି ତୃଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଲିଜ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ ।

ତହସିଲଦାର, ରାଜଗାଙ୍ଗପୁର

ଜ୍ଞାପକ ସଂଖ୍ୟା- 6019 ତାରିଖ. 28.12.2022

ଏହାର ଏକକିତା ନକଲ ଓ ଫାରମ – ଡ ( Form-M) ର କପି ସହ ତହସିଲଦାର ରାଜଗାଙ୍ଗପୁର/ କୁତ୍ରା / ବଡଗାଁ କାର୍ଯ୍ୟାଳୟ ନୋଟିସ ବୋର୍ଡ / ପଞ୍ଚାୟତ ସମିତି କାର୍ଯ୍ୟାଳୟ ରାଜଗାଙ୍ଗପୁର/ କୁତ୍ରା/ ବଡଗାଁ/ ଜିଲ୍ଲାପାଳ ସୁନ୍ଦରଗଡ/ ଅତିରିକ୍ତ ଜିଲ୍ଲାପାଳ ସୁନ୍ଦରଗଡ/ ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସୁନ୍ଦରଗଡ/ ଉପ- ଜିଲ୍ଲାପାଳ, ସଦର, ସୁନ୍ଦରଗଡ/ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଏବଂ ଗୃହ ନିର୍ମାଣ ସୁନ୍ଦରଗଡ / ନିର୍ବାହୀ ଅଧିକାରୀ ରାଜଗାଙ୍ଗପୁର ମ୍ୟୁନିସିପାଲଟି / ଅତ୍ର ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ ରେ / ସଂପୃକ୍ତ ଗ୍ରାମ ରେ ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜାରି କରିବାକୁ ପ୍ରେରଣ କରାଗଲା ।

ଏହାର ଏକକିତା ଲେଖାଏଁ ନକଲ ସଂପୃକ୍ତ ମୌଜା ରେ ସର୍ବସାଧାରଣଙ୍କ ର ଅବଗତି ପାଇଁ ଜାରି ନିମନ୍ତେ ପ୍ରେରଣ କରାଗଲା ।

(Signature) 28/12/22
ତହସିଲଦାର, ରାଜଗାଙ୍ଗପୁର

ଜ୍ଞାପକ ସଂଖ୍ୟା- 6020 ତାରିଖ. 28.12.2022

ଏହାର ଏକକିତା ନକଲ ଓ ଫାରମ – ଡ ( Form-M) ର କପି ସହ ଜିଲ୍ଲା ସୂଚନା ପ୍ରଯୁକ୍ତି ଅଧିକାରୀ ସୁନ୍ଦରଗଡ ଙ୍କ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରରଣ କରାଯିବା ସହ ତାଙ୍କୁ ଅନୁରୋଧ କରାଯାଉ ଅଛି କି ଏହି ବିଜ୍ଞପ୍ତିକୁ ସେ ଜିଲ୍ଲା ୱେବସାଇଟ ରେ (**http//:www.sundergarh.nic.in**) ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜାରି କରିବାକୁ ଅନୁରୋଧ କରାଗଲା ।

(Signature)
ତହସିଲଦାର, ରାଜଗାଙ୍ଗପୁର 28/12/22

ଜ୍ଞାପକ ସଂଖ୍ୟା- 6021 ତାରିଖ. 28.12.2022

Copy to District Information & Public Relation Officer, Sundargarh for information and necessary action.

(Signature)
ତହସିଲଦାର, ରାଜଗାଙ୍ଗପୁର 28/12/22

ଜ୍ଞାପକ ସଂଖ୍ୟା- 6022 ତାରିଖ. 28.12.2022

Copy Submitted to the Deputy Director(Advertisement) Information and Public Relation Department, Odisha, Bhubaneswar through the e-mail address in (ipr.advt@gmail.com) with request to publish the advertisement in two daily newspapers at least one of which at state level and other having wide publicity in the area where quarry is located.

(Signature)
ତହସିଲଦାର, ରାଜଗାଙ୍ଗପୁର 28/12/22